# NATIONAL NEWS BULLETIN (ODIA)
## 19 June - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ।

– ୧୯ ହଜାର କୋଟି ଟଙ୍କାର ଉନ୍ନୟନ ମୂଳକ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଉଦ୍‌ଘାଟନ ।

- ତ୍ରିରାଷ୍ଟ୍ରୀୟ ଗସ୍ତ ସଫଳତାର ସହ ଶେଷ କରି ଆଜି ନୂଆଦିଲ୍ଲୀରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

- ୨୦୪୭ ମସିହା ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କହିଲେ କେନ୍ଦ୍ରମନ୍ତ୍ରୀ ।

- ଚାରୋଟି ରାଜ୍ୟରେ ଆଜି ୫ଟି ବିଧାନସଭା ଆସନ ଉପନିର୍ବାଚନ ନିମନ୍ତେ ଶେଷ ହେଲା ଭୋଟ୍‌ଗ୍ରହଣ, ସୋମବାର ଗଣତି ।

ଏବଂ

- ଆସନ୍ତାକାଲି ଠାରୁ ଆରମ୍ଭ ହେବ କୈଳାଶ ମାନସରୋବର ଯାତ୍ରା ।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ରାଜ୍ୟରେ ବିଜେପି ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ୧୯ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହା ସହ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ବୟୋବନ୍ଦନା କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ପ୍ରଧାନମନ୍ତ୍ରୀ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେବା ସହ ଭୁବନେଶ୍ୱର ଜନତା ମଇଦାନରେ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ । ଏହି ଅବସରରେ ଶ୍ରୀ ମୋଦୀ ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆଜି ଭୁବନେଶ୍ୱର ଜନତା ମଇଦାନରେ ସମସ୍ତ ପ୍ରସ୍ତୁତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରିଷ୍ଠ ଅଧିକାରୀଙ୍କ ସହ ତଦାରଖ କରିଛନ୍ତି ।

# ପିଏମ୍-ଆରାଇଭାଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଇପ୍ରସ, କାନାଡ଼ା ଏବଂ କ୍ରୋଏସିଆ ଗସ୍ତ ସଫଳତାର ସହ ଶେଷ କରି ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଏ ସଂପର୍କରେ ଆମର ସ୍ୱତନ୍ତ୍ର ରିପୋର୍ଟ – ପ୍ରଧାନମନ୍ତ୍ରୀ ତ୍ରିରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ସାଇପ୍ରସ ଗସ୍ତ କରି ସେଠାକାର ରାଷ୍ଟ୍ରପତି ଏବଂ ବ୍ୟବସାୟକ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ ।

ସାଇପ୍ରସ ସହିତ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କ ବୃଦ୍ଧି ଉପରେ ଭାରତ ଗୁରୁତ୍ୱ ପ୍ରଦାନ କରୁଛି ବୋଲି ଲିମାସୋଲ୍ ଠାରେ ବ୍ୟବସାୟ ପ୍ରତିନିଧିମାନଙ୍କ ସହ ବୈଠକରେ ଆଲୋଚନା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ' ଭାରତ-ସାଇପ୍ରସ-ଗ୍ରୀସ୍ ବ୍ୟବସାୟ ଓ ନିବେଶ ପରିଷଦ ଗଠନକୁ ସ୍ୱାଗତ କରିଥିଲେ । ସେଠାକାର ବ୍ୟବସାୟିକ ପ୍ରତିନିଧିମାନଙ୍କୁ ଭାରତ ଗସ୍ତ କରିବା ସହ ଦେଶର ଅଭିବୃଦ୍ଧିଶୀଳ ଅର୍ଥନୀତିରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟରେ କାନାଡ଼ା ଗସ୍ତ କରି କାନାନାସ୍କିସ୍ ଠାରେ ଜି-ସେଭେନ୍ ଶିଖର ସମ୍ମିଳନୀରେ ଯୋଗଦେଇଥିଲେ । ଏହି ଅବସରରେ ସେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ୍ କାର୍ଣ୍ଣେଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । କାନାଡ଼ା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ତ୍ୱରାନ୍ୱିତ କରିବାକୁ ଭାରତ ଆଶାବ୍ୟକ୍ତ କରୁଛି ବୋଲି ପ୍ରଧାନମନ୍ତ୍ରୀ

କହିଥିଲେ । ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା, ନିରନ୍ତର ବିକାଶରେ ସହଭାଗିତା, ସବୁଜ ଶକ୍ତି, ନବସୃଜନ, ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଶ୍ରୀ ମୋଦୀ ଏବଂ ଜର୍ମାନ ଚାନ୍‌ସେଲର ଫ୍ରେଡ୍ରିଚ୍ ମର୍ଜଙ୍କ ମଧ୍ୟରେ ମତବିନିମୟ ହୋଇଥିଲା । ପ୍ରଥମଥର ପାଇଁ ଶ୍ରୀ ମୋଦୀ ଜି-ସେଭେନ୍ ଶିଖର ସମ୍ମିଳନୀ ଅବସରରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନ୍‌ବାଉନ୍ ପାଡ୍ରୋଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପକୁ ମେକ୍‌ସିକୋର ସମର୍ଥନ ପ୍ରଦାନ ନେଇ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀଙ୍କ କ୍ରୋଏସିଆ ଗସ୍ତ ଅବସରରେ ଭାରତ ଏବଂ କ୍ରୋଏସିଆ ମଧ୍ୟରେ ବିଶ୍ୱଶାନ୍ତି, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଭାଗିଦାରିତା ଲାଗି ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ କ୍ରୋଏସିଆ ପ୍ରତିପକ୍ଷ ଆନ୍ଦ୍ରେଜ୍ ପ୍ଲେଙ୍କୋଭିକ୍‌ଙ୍କ ପ୍ରତିନିଧି ସ୍ତରୀୟ କଥାବାର୍ତ୍ତା ସମୟରେ ବିଶ୍ୱ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ବିକାଶ କ୍ଷେତ୍ରରେ ଉଭୟ ଦେଶ ପ୍ରତିବଦ୍ଧତା ପ୍ରକାଶ କରିଥିଲା ।

# ପିଏମ୍-କ୍ୟୁଏସ୍ ର୍ୟାଙ୍କିଙ୍ଗ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୈଶ୍ୱିକ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଭାରତ କ୍ୟୁଏସ୍ ୱାର୍ଲ୍ଡ ୟୁନିଭରସିଟି ର୍ୟାଙ୍କିଙ୍ଗ୍ ୨୦୨୬ ତାଲିକାରେ ସ୍ଥାନିତ ହୋଇଥିବାରୁ ଏହାର ଭୂୟସୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଥିବା ପୋଷ୍ଟର ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ କହିଛନ୍ତି, କ୍ୟୁଏସ୍ ୱାର୍ଲ୍ଡ ୟୁନିଭରସିଟି ୨୦୨୬ ତାଲିକା ଭାରତର ଶିକ୍ଷା କ୍ଷେତ୍ର ପାଇଁ ଏକ ବଡ଼ ସଫଳତା । ଭାରତର ଯୁବବର୍ଗଙ୍କ ସୁବିଧା ନିମନ୍ତେ ଗବେଷଣା ଏବଂ ନବସୃଜନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଜ୍‌ମେର ନିକଟବର୍ତ୍ତୀ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ଭାରତୀୟ ନାଗରିକଙ୍କ ମିଳିତ ପ୍ରତିବଦ୍ଧତା ରହିଛି ଏବଂ ଏହି ପ୍ରତିଜ୍ଞା ନିଶ୍ଚିତ ରୂପେ ପୂରଣ

ହୋଇପାରିବ । ଯୁବବର୍ଗଙ୍କ ମଧ୍ୟରେ କଠିନ ପରିଶ୍ରମ, ଦୃଢ଼ ମନୋବଳ ଦ୍ୱାରା ବିକଶିତ ରାଷ୍ଟ୍ର ଗଠନ କରାଯାଇ ପାରିବ । ଶ୍ରୀ ପ୍ରଧାନ କହିଛନ୍ତି, ବିଶ୍ୱର ସ୍ଥିତି ପରିବର୍ତ୍ତନ ହେଉଛି ଏବଂ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର ରୂପେ ଉଭା ହେଉଛି ।

**V/O**

କେନ୍ଦ୍ର ମନ୍ତ୍ରୀ ଯୁବବର୍ଗଙ୍କୁ ଉଚ୍ଚତର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷାଲାଭ କରି ବଡ଼ ଉଦ୍ୟୋଗୀ ହେବା ପାଇଁ ଆହ୍ୱାନ ଦେଇଛନ୍ତି । ଚାକିରି ନ କରି ଅନ୍ୟ ଯୁବବର୍ଗଙ୍କୁ ଚାକିରି ଯୋଗାଇଦେବା ଲାଗି ସେ ଆହ୍ୱାନ ଦେଇଛନ୍ତି ।

## ବାଇପୋଲ୍

ଚାରୋଟି ରାଜ୍ୟରେ ଆଜି ୫ଟି ବିଧାନସଭା ଆସନ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହୋଇଛି । ଗୁଜରାଟର ବିସବ୍‌ଦର ଆସନ ନିମନ୍ତେ ଦିନ ୩ଟା ସୁଦ୍ଧା ୪୭ ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ କାଡ଼ି ବିଧାନସଭା ଆସନ ନିମନ୍ତେ ପ୍ରାୟ ୪୬ ପ୍ରତିଶତ ଭୋଟ ଗ୍ରହଣ ହୋଇଥିବା ସୂଚନା ମିଳିଛି । ସେହିପରି କେରଳର ନିଲାମ୍ବୁର ଆସନ ପାଇଁ ପ୍ରାୟ ୫୯ ପ୍ରତିଶତ ଏବଂ ପଞ୍ଜାବର ଲୁଧିଆନା ବିଧାନସଭା ଆସନ ପାଇଁ ୪୧ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ହୋଇଛି । ପଶ୍ଚିମବଙ୍ଗର କାଲିଗଞ୍ଜ ବିଧାନସଭା ଆସନ ପାଇଁ ଦିନ ୩ଟା ସୁଦ୍ଧା ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ୍ ଗ୍ରହଣ ହୋଇଥିବା ସୂଚନା ମିଳିଛି । ଏହି ସମସ୍ତ ୫ଟି ବିଧାନସଭା ଆସନ

ପାଇଁ ହୋଇଥିବା ଉପନିର୍ବାଚନର ଭୋଟଗଣତି ଆସନ୍ତା ସୋମବାର ଅନୁଷ୍ଠିତ ହେବ ।

## ମିନିଷ୍ଟ୍ରି–ଟ୍ରାଇବାଲ ଆଫେୟାର୍ସ

ଦେଶରେ ଆଦିବାସୀ ସଂପ୍ରଦାୟର ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଲାଗି ସରକାର ଉଦ୍ୟମ କରୁଛନ୍ତି । ଆଜି ଆକାଶବାଣୀ ସମ୍ବାଦ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ତାଙ୍କ ମନ୍ତ୍ରଣାଳୟ ଗତ ୧୧ ବର୍ଷ ମଧ୍ୟରେ ଆଦିବାସୀ ସଂପ୍ରଦାୟ ପାଇଁ ଅନେକ ଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ମନ୍ତ୍ରଣାଳୟ ସ୍ୱତନ୍ତ୍ର ଯୋଜନାଗୁଡ଼ିକୁ ମଧ୍ୟ ଲାଗୁ କରିଛନ୍ତି । ସାକ୍ଷାତ୍‌କାର ସମୟରେ ମନ୍ତ୍ରୀ ଶ୍ରୀ ଜୁଏଲ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏହିସବୁ ସ୍କୁଲ ସ୍ଥାପନ ହେବା ଫଳରେ ଏହା ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଲାଭାନ୍ୱିତ କରିଛି ।

ଶ୍ରୀ ଓରାମ୍ କହିଛନ୍ତି, କେନ୍ଦ୍ର ସରକାର ସିକିଲ୍ ସେଲ୍ ଆନେମିଆ ରୋଗ ଦୂରୀକରଣ ପାଇଁ କାର୍ଯ୍ୟ କରୁଛନ୍ତି । ଏହି ରୋଗ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସ୍ୱାସ୍ଥ୍ୟ ଜନିତ ଉଦ୍‌ବେଗ ସୃଷ୍ଟି କରିଥାଏ । ଆଦିବାସୀ

ସମ୍ପ୍ରଦାୟ ମଧ୍ୟରେ ସିକିଲ୍ ସେଲ୍ ଆନେମିଆ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ସାକ୍ଷାତକାରରେ ମନ୍ତ୍ରୀ କହିଛନ୍ତି ।

**V/O**

ଏହି ସାକ୍ଷାତ୍‌କାର ଆଜି ରାତି ୯ଟା ୩୦ ମିନିଟ୍‌ରେ ୧୦୦ ଦଶମିକ ୧ ଏଫ୍‌ଏମ୍ ଗୋଲ୍ଡ ଚ୍ୟାନେଲ ତଥା ସମସ୍ତ ନେଟୱ୍ୱର୍କରେ ପ୍ରସାରଣ କରାଯିବ । ଆକାଶବାଣୀ ସମାଚାର ୟୁ-ଟ୍ୟୁବ୍ ଚ୍ୟାନେଲ, ନ୍ୟୁଜ୍ ଅନ୍ ଏଆଇଆର୍ ଅଫିସିଆଲରେ ମଧ୍ୟ ଏହା ଉପଲବ୍ଧ ହେବ ।

# ଯୋଗ

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏକଦଶତମ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଦେଶର ୧୦୦ଟି ପର୍ଯ୍ୟଟନ ସ୍ଥଳୀ ଏବଂ ୫୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ କେନ୍ଦ୍ରରେ ଯୋଗ ଶିବିର ଅନୁଷ୍ଠିତ ହେବ । ବିଶାଖାପଟନମ୍ ଠାରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏହାର ମୁଖ୍ୟ ଶିବିର ଆସନ୍ତା ୨୧ ତାରିଖ ଶନିବାର ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । କେନ୍ଦ୍ର ସଂସ୍କୃତିକ ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ରାଜସ୍ଥାନର ଜୋଧପୁର ସ୍ଥିତ ଐତିହାସିକ ମେରାନଗଡ଼ ଦୁର୍ଗଠାରେ ହେବାକୁ ଥିବା ଯୋଗ କାର୍ଯ୍ୟକ୍ରମରେ ଯୋଗଦେବେ ।

ସେହିପରି ଆସାମର ଚାରାଇଦେଓ ମଇଦାନ, ଗୁଜରାଟର ରାନିକି ଭାବ୍ ଏବଂ ଧୋଲାଭିରା, କର୍ଣ୍ଣାଟକର ହାମ୍ପି ଓ ପାଟାଡାକାଲ୍, ମଧ୍ୟପ୍ରଦେଶର ଖଜୁରାହୋ ଓ ସାଞ୍ଚି ସ୍ତୁପ, ଓଡ଼ିଶାର କୋଣାର୍କ ମନ୍ଦିର, ମହାରାଷ୍ଟ୍ରର ଏଲିଫ୍ୟାଣ୍ଟସ୍ କେଭ୍ସ୍, ତାମିଲନାଡୁର ତାଞ୍ଜାଭୁର୍ ସ୍ଥିତ ବ୍ରିହାଦିସ୍ୱାରା ମନ୍ଦିର ଠାରେ ଯୋଗ ଶିବିରର ଆୟୋଜନ କରାଯିବ ।

## ନାଇଡୁ-ଆଭିଏସନ୍

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଆଜି' ବିମାନ ଯାତ୍ରୀମାନଙ୍କ ସୁରକ୍ଷା, ଯାତ୍ରୀମାନଙ୍କ ନିମନ୍ତେ ଗ୍ରହଣ କରାଯାଉଥିବା ସମସ୍ତ ସୁବିଧା, ବିମାନ ପରିଚାଳନା କାର୍ଯ୍ୟ ଦକ୍ଷତା ଆଦିର ସମୀକ୍ଷା କରିଛନ୍ତି । ଏହି ବୈଠକରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ଏୟାର୍ ଲାଇନ୍ସ ଅପରେଟରମାନଙ୍କୁ ବରିଷ୍ଠ ପ୍ରତିନିଧିମାନଙ୍କ ସହ ବିମାନ ପରିଚାଳନା ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗରେ ସେ ଆଲୋଚନା କରିଥିଲେ ।

## କୈଳାଶ ମାନସରୋବର ଯାତ୍ରା

ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଥିବା କୈଳାଶ ମାନସରୋବର ଯାତ୍ରା ସୁଚାରୁରୂପେ ପରିଚାଳନା ନିମନ୍ତେ  ସିକ୍କିମ୍ ପକ୍ଷରୁ ସମସ୍ତ ପ୍ରସ୍ତୁତି

ଗ୍ରହଣ କରାଯାଇଛି । ରାଜ୍ୟପାଳ  ଓମ୍ ପ୍ରକାଶ ମାଥୁର୍ ନାଥୁଲା ପାସ୍ ଠାରେ ଆସନ୍ତାକାଲି ସକାଳେ  ଏହି ଯାତ୍ରାର ଶୁଭାରମ୍ଭ କରିବେ । ୩୬ ଜଣ ତୀର୍ଥ ଯାତ୍ରୀଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ଯାତ୍ରା ଆରମ୍ଭ ହେବ ।